# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

### 28 March – 2026

# ପ୍ରଧାନମନ୍ତ୍ରୀ-ମୁଖ୍ୟମନ୍ତ୍ରୀ ଆଲୋଚନା

ଦେଶର ଆର୍ଥିକ ଏବଂ ଯୋଗାଣ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ସରକାରଙ୍କ ପକ୍ଷରୁ ଗତ କିଛିବର୍ଷ ଧରି ନିଆଯାଇଥିବା ପଦକ୍ଷେପ ବର୍ତ୍ତମାନ ବିଶ୍ୱରେ ଦେଖାଦେଇଥିବା ସଂକଟ ସମୟରେ ଲାଭଦାୟକ ପ୍ରମାଣିତ ହୋଇଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି । ପଶ୍ଚିମ ଏସିଆରେ ଦେଖାଦେଇଥିବା ଯୁଦ୍ଧ ପରିସ୍ଥିତି ଏବଂ ଭାରତ ଉପରେ ଏହାର ସମ୍ଭାବ୍ୟ ପ୍ରଭାବକୁ ଦୃଷ୍ଟିରେ ରଖି ପ୍ରଧାନମନ୍ତ୍ରୀ ଗତକାଲି ସନ୍ଧ୍ୟାରେ ଆଭାସୀ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ଓ ରାଜ୍ୟପାଳମାନଙ୍କ ସହିତ ଆଲୋଚନା କରିଥିଲେ । କୋଭିଡ୍-୧୯ ଭଳି ବିଶ୍ୱରେ ଦେଖାଦେଇଥିବା ବଡ଼ବଡ଼ ସମସ୍ୟାର ମୁକାବିଲା କରିବାରେ ଭାରତର ପୂର୍ବରୁ ଅଭିଜ୍ଞତା ରହିଛି । ବର୍ତ୍ତମାନ ଦେଖାଦେଇଥିବା ପରିସ୍ଥିତିର ମୁକାବିଲା କରିବାରେ ରାଜ୍ୟଗୁଡ଼ିକର ସହଯୋଗ ଏବଂ ସମନ୍ୱୟ ମନୋଭାବ ଦେଶର ସର୍ବବୃହତ ଶକ୍ତି ହୋଇ ରହିଛି ବୋଲି ପ୍ରଧାନମନ୍ତ୍ରୀ କହିଥିଲେ । ଯୋଗାଣ ଶୃଙ୍ଖଳର ସୁଗମ କାର୍ଯ୍ୟକାରିତାକୁ ସୁନିଶ୍ଚିତ କରିବା ଏବଂ ବେଆଇନ ମହଜୁଦକାରୀ କାରବାର ବିରୁଦ୍ଧରେ କଠୋର ପଦକ୍ଷେପ ନେବା ସହିତ କୃଷିକ୍ଷେତ୍ର ନିମନ୍ତେ ସାରର ଉପଯୁକ୍ତ ବଣ୍ଟନର ତଦାରଖ କରିବା ପାଇଁ ଯୋଜନାର ଆବଶ୍ୟକତା ରହିଛି ବୋଲି ପ୍ରଧାନମନ୍ତ୍ରୀ କହିଥିଲେ । ଭୁଲ୍ ସୂଚନା ଓ

ଗୁଜବ ପ୍ରସାରଣ ବିରୁଦ୍ଧରେ ସତର୍କ କରାଇ ଶ୍ରୀ ମୋଦୀ କହିଥିଲେ, ବିଶ୍ୱସନୀୟ ସୂଚନାର ସଠିକ୍ ସମୟରେ ପ୍ରସାରଣ ଅତ୍ୟନ୍ତ ଜରୁରୀ।

## ରାସ୍ତା ନିର୍ମାଣ-ଉପମୁଖ୍ୟମନ୍ତ୍ରୀ

ରାଜ୍ୟରେ ପ୍ରତ୍ୟେକ ଗ୍ରାମାଞ୍ଚଳକୁ ସଡ଼କ ସଂଯୋଗୀକରଣ ପାଇଁ ପ୍ରୟାସ ଜାରି ରହିଛି ବୋଲି ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ କହିଛନ୍ତି। ବଲାଙ୍ଗୀର ଜିଲ୍ଲା ପାଟଣାଗଡ଼ ନିର୍ବାଚନ ମଣ୍ଡଳୀରେ ମୁଖ୍ୟମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ଖପ୍ରାଖୋଲ ଓ ପାଟଣାଗଡ଼ ବ୍ଲକର ୮ଟି ରାସ୍ତା ନିର୍ମାଣର ଗତକାଲି ସେ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ୧୨କୋଟି ଟଙ୍କା ବ୍ୟୟରେ ଆସନ୍ତା ୧ ବର୍ଷ ମଧ୍ୟରେ ଏହି ରାସ୍ତାଗୁଡ଼ିକର ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବା ଶ୍ରୀ ସିଂହଦେଓ କହିଛନ୍ତି ।

## ସ୍ଥଳସେନା ମୁଖ୍ୟଙ୍କ ଗସ୍ତ

ଭାରତୀୟ ସ୍ଥଳସେନା ମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀଙ୍କର ୩ ଦିନିଆ ଓଡ଼ିଶା ଗସ୍ତର ଦ୍ୱିତୀୟ ଦିନରେ ଆଜି ପୁରୀ ଗସ୍ତରେ ଯାଇ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବାର କାର୍ଯ୍ୟସୂଚୀ ରହିଛି । ଜେନେରାଲ୍ ଦ୍ୱିବେଦୀ ଆସନ୍ତାକାଲି ଗଞ୍ଜାମ ଜିଲ୍ଲାର ଗୋପାଳପୁର ଯାଇ ଆର୍ମି ଏୟାର ଡିଫେନ୍ସ କଲେଜରେ ସେନା ତାଲିମ ବ୍ୟବସ୍ଥାର ସମୀକ୍ଷା କରିବେ।

# ମନ୍ କୀ ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ପୂର୍ବାହ୍ନ ୧୧ଟା ସମୟରେ ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଦେଶବାସୀଙ୍କ ସହ ଭାବ ବିନିମୟ କରିବେ। ଏହା ମନ୍ କି ବାତ'ର ୧୩୨ତମ ସଂସ୍କରଣ ହେବ। କାର୍ଯ୍ୟକ୍ରମ ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ କେନ୍ଦ୍ର, ଆକାଶବାଣୀ ସମ୍ବାଦ ୱେବ୍‌ସାଇଟ୍ ଓ ନ୍ୟୁଜ୍ ଅନ୍ ଏ.ଆଇ.ଆର୍. ମୋବାଇଲ୍ ଆପ୍‌ରେ ଉପଲବ୍ଧ ହେବ।

ପ୍ରଧାନମନ୍ତ୍ରୀଙ୍କର ସମ୍ବୋଧନ ପରେ ଆଞ୍ଚଳିକ ଭାଷାରେ ମନ୍ କୀ ବାତ୍ କାର୍ଯ୍ୟକ୍ରମ ପ୍ରସାରଣ କରାଯିବ। ଆଞ୍ଚଳିକ ଭାଷାରେ ଏହାର ଭାଷାନ୍ତର ପୁଣିଥରେ ରାତି ୮ଟାରେ ପ୍ରସାରଣ କରାଯିବ।

# ବର୍ଜ୍ୟ ପରିଚାଳନା

ବର୍ଜ୍ୟ ପରିଚାଳନା ପାଇଁ ଭଦ୍ରକ ଜିଲ୍ଲା ପ୍ରଶାସନ ପକ୍ଷରୁ ସଞ୍ଚାଳନ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲ୍ଲାର ୪ଟି ବ୍ଲକର ମୋଟ୍ ୨୧୮ଟି ଗ୍ରାମପଞ୍ଚାୟତରୁ ସ୍ୱଚ୍ଛ ଭାରତ ମିଶନ ଅଧୀନରେ ଶୁଖିଲା ଓ ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ସଂଗ୍ରହ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି ।

# ନାଟକ ଉତ୍ସବ

ଭୁବନେଶ୍ୱର ରବିନ୍ଦ୍ର ମଣ୍ଡପଠାରେ ଜାତୀୟ ନାଟକ ଉତ୍ସବ ପୂର୍ବରଙ୍ଗ-୨୦୨୬ ବିଶ୍ୱ ନାଟକ ଦିବସ ଅବସରରେ ଗତକାଲିଠାରୁ ଆରମ୍ଭ ହୋଇଛି । ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ସଂଗୀତ ନାଟକ ଏକାଡେମୀ ଓ ପୂର୍ବାଞ୍ଚଳ ସାଂସ୍କୃତିକ କେନ୍ଦ୍ର କୋଲକାତାର ମିଳିତ ସହଯୋଗରେ ଆୟୋଜିତ ଏହି ଉତ୍ସବ ଆସନ୍ତା ମଙ୍ଗଳବାର ପର୍ଯ୍ୟନ୍ତ ଚାଲିବ । ଉଦ୍‌ଘାଟନୀ ସନ୍ଧ୍ୟାରେ ନାଟକ 'ନିଃସଙ୍ଗ ଈଶ୍ୱର' ପରିବେଷଣ କରାଯାଇଥିଲା ।

---

# ରେଳ ବଜେଟ୍

ରେଳ ବଜେଟ୍‌ରେ ଓଡ଼ିଶାକୁ ବିଗତ କିଛିବର୍ଷ ମଧ୍ୟରେ ବ୍ୟୟବରାଦ ଉଲ୍ଲେଖନୀୟ ଭାବେ ବୃଦ୍ଧି ପାଇଛି । ୨୦୦୯ରୁ ୨୦୧୪ ମସିହା ମଧ୍ୟରେ ଏହା ବାର୍ଷିକ ହାରାହାରି ୮୩୮ କୋଟି ଟଙ୍କା ରହିଥିଲା । ୨୦୨୫-୨୬ ଆର୍ଥିକ ବର୍ଷରେ ଏହା ପ୍ରାୟ ୧୩ ଗୁଣ ବୃଦ୍ଧି ପାଇ ୧୦ ହଜାର ୫୯୯ କୋଟି ଟଙ୍କାରେ ପହଞ୍ଚିଛି ବୋଲି ରାଜ୍ୟସଭାରେ ସାଂସଦ ଶୁଭାଶିଷ ଖୁଣ୍ଟିଆଙ୍କ ଏକ ପ୍ରଶ୍ନର ଉତ୍ତରରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି ।

---

# ଫେନ୍‌ସିଂ ଚମ୍ପିୟାନସିପ୍

ଜୟପୁରରେ ଆୟୋଜିତ ଦ୍ୱିତୀୟ ଜାତୀୟ ପାରା ଫେନ୍‌ସିଂ ଚମ୍ପିୟାନ୍‌ସିପ୍‌ରେ ଓଡ଼ିଶାକୁ ମୋଟ୍ ୨୬ଟି ପଦକ ମିଳିଛି । ଗତକାଲି

ଅନ୍ତିମ ଦିବସରେ ଓଡ଼ିଶାର ପ୍ରତିଯୋଗୀମାନେ ୩ଟି ସ୍ୱର୍ଣ୍ଣ, ୪ଟି ରୌପ୍ୟ ଓ ଗୋଟିଏ ବ୍ରୋଞ୍ଜ ପଦକ ସହ ୮ଟି ପଦକ ଜିତିଛନ୍ତି ।

## ଆର୍ଥ ଆୱାର

ଶକ୍ତି ସଂଚୟ ଅଭିଯାନକୁ ବ୍ୟାପକ କରିବା ଉଦ୍ଦେଶ୍ୟରେ ଆଜି ପାଳନ କରାଯାଉଛି ବିଶ୍ୱ ଆର୍ଥ ଆୱାର। ପୃଥିବୀରେ ଏକଘଣ୍ଟା ପାଇଁ ରାତି ସାଢ଼େ୮ଟାରୁ ସାଢ଼େ ୯ଟା ପର୍ଯ୍ୟନ୍ତ ଆର୍ଥ ଆୱାର ପାଳନ କରିବା ପାଇଁ 'ୱାର୍ଲଡ ୱାଇଡ୍ ଫଣ୍ଡ୍ ଫର୍ ନେଚର୍' ପକ୍ଷରୁ ଅନୁରୋଧ କରାଯାଇଛି। ୨୦୦୭ମସିହାରେ ଏହି ସଂସ୍ଥା ପକ୍ଷରୁ ଆରମ୍ଭ ହୋଇଥିବା ଶକ୍ତି ସଂରକ୍ଷଣ ଅଭିଯାନ ଅନ୍ତର୍ଗତ ଲାଇଟ୍ ବନ୍ଦ କରି ଶକ୍ତି ସଂରକ୍ଷଣ ଓ ପରିବେଶକୁ ସୁରକ୍ଷିତ ରଖିବା ପାଇଁ ଆହ୍ୱାନ ଦିଆଯାଇଛି। ଭାରତ ସମେତ ବିଶ୍ୱର ୧୯୦ଟି ରାଷ୍ଟ୍ରରେ ଆର୍ଥ ଆୱାର ପାଳନ କରାଯାଉଛି ।

## ପାଣିପାଗ

ରାଜ୍ୟର ଉତ୍ତରଭାଗ ସଂଲଗ୍ନ ଦକ୍ଷିଣ ଗାଙ୍ଗେୟ ପଶ୍ଚିମବଙ୍ଗ ଉପରେ ଏକ ଘୂର୍ଣ୍ଣିବଳୟ କ୍ଷେତ୍ର ସୃଷ୍ଟି ହୋଇଛି । ଏହାର ପ୍ରଭାବରେ ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ ଓ ଯାଜପୁର ଜିଲ୍ଲାରେ କାଳବୈଶାଖୀ ହେବା ନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଅନୁମାନ କରାଯାଇଛି । କେନ୍ଦୁଝର, ସୁନ୍ଦରଗଡ଼, କୋରାପୁଟ, ଗଞ୍ଜାମ ସମେତ ଅନ୍ୟ କେତେକ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବା ନେଇ ଅନୁମାନ କରାଯାଇଛି ।